
ପ୍ରମେୟ
ତାରିଖ: ୧୭.୦୯.୨୦୨୩

# ବିଆଇଆଇଟିଏମରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ




ଭୁବନେଶ୍ୱର,୧୬।୯(ବ୍ୟୁରୋ): ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେସନ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍ ସମ୍ମିଳନୀ କକ୍ଷରେ ନବାଗତ ଏମ୍‌ବିଏ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଛି । ଉତ୍ସବକୁ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡା.ମିହିର ରଞ୍ଜନ ନାୟକ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନର ଶୈକ୍ଷିକ ପରିବେଶ, ଶୃଙ୍ଖଳା ଓ ଶିକ୍ଷାଦାନ ସମ୍ପର୍କରେ କହିଥିଲେ । ଏଥିସହ ସୁନାଗରିକ ହେବାକୁ ଶପଥ ପାଠ କରାଇଥିଲେ । ମୁଖ୍ୟବକ୍ତା ପାର୍ଥ ସାରଥି ମିଶ୍ର, ଅମନ୍ୟା ବୋର୍ଡ ସଦସ୍ୟ, ଆମେରିକା ଶିକ୍ଷା ଦ୍ୱାରା ଜୀବନର ସଫଳତା ମାର୍ଗ ବିଷୟରେ କହିଥିଲେ । ମୁଖ୍ୟ ଅତିଥି ମୀନକେତନ ନାୟକ, ନିର୍ଦ୍ଦେଶକ, ଟାଟା ଷ୍ଟିଲ ଛାତ୍ରଛାତ୍ରୀଙ୍କୁ ସମସ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେଥିରୁ ମିଳିଥିବା ଅନୁଭୂତିରୁ ଶିକ୍ଷାଲାଭ କରିବାକୁ କହିଥିଲେ । ପ୍ଲେସ୍‌ମେଣ୍ଟ ହେଡ୍ କେ.ଚନ୍ଦ୍ରଶେଖର ପ୍ରେରଣାଦାୟକ ଜ୍ଞାନ ଉପରେ ଆଲୋକପାତ କରିଥିଲେ । ପରଓ୍ୱେଶ ଅହମ୍ମଦ ଖାନ ଓ ଶୋଭା ଜେନାଙ୍କ ମାର୍ଗଦର୍ଶନ କାର୍ଯ୍ୟକ୍ରମକୁ ସଫଳ କରିଥିଲା । ପୁରାତନ ଛାତ୍ରଛାତ୍ରୀ ବିଆଇଆଇଟିଏମର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ଅନୁଷ୍ଠାନର ଡ.ପ୍ରଜ୍ଞା ମହାପାତ୍ର ଓ ଶର୍ମିଳା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।